# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

ଦୂରଭାଷ : ୦୬୭୬୨-୨୨୪୪୧୪

ଇମେଲ୍:-ଡିକେଏଲ୍.ଡିଆଇପିଆର୍‌ଓ@ ଜିମେଲ୍.କମ୍


ପତ୍ର ସଂଖ୍ୟା ----୨୨୯----/ସୂ.ଲୋ.ସଂ ଢେଙ୍କାନାଳରେ ତା.୦୫/୦୩/୨୦୨୦----

ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଦିବସ-୨୦୨୦ ପାଳନ.

ଢେଙ୍କାନାଳ, ତା.୦୫/୦୩/୨୦୨୦-

ଆଜି ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ ତମ ଜୟନ୍ତୀ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ମିନତୀ ନାଏକ ଅଧ୍ୟକ୍ଷତା କରି ଓଡ଼ିଶାର ସାମଗ୍ରିକ ବିକାଶ ନିମନ୍ତେ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ବ୍ୟବସ୍ଥା ଯୋଗୁଁ ମହିଳା ମାନଙ୍କର ବିକାଶ ଘଟିପାରିଛି । ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଆଜି ସାକାର ରୂପ ଗ୍ରହଣ କରି ଦ୍ରୁତ ଉନ୍ନତି ପଥରେ ଆଗେଇ ଚାଲିଛି ବୋଲି ପ୍ରକାଶ କରିଥିଲେ ।

୧୯୯୬ ମସିହା ମାର୍ଚ୍ଚ ୫ ତାରିଖରେ ଓଡ଼ିଶା ପ୍ରବାଦ ପୁରୁଷ ଆନୁଷ୍ଠାନିକ
ପାତିଶନ୍ ବିଜୁ ପଟ୍ଟନାୟକଙ୍କ ଜୀବନ, ରାଜନୀତି, ନେତୃତ୍ୱ ଓ ଜନ୍ମଭୂମି ପାଇଁ ତାଙ୍କର ଅବଦାନ ଅତୁଳନୀୟ ବୋଲି ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରା ପ୍ରକାଶ କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ପି.ଆର୍.ଆଇ. ମେମ୍ବରମାନେ ନିଜର ସମୟକୁ ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଆଜି ଆମ ରାଜ୍ୟରେ ପଞ୍ଚାୟତିରାଜ ସଂସ୍ଥା ଯୋଗୁଁ ସୁଫଳ ମିଳୁଛି ଏବଂ ପ୍ରତ୍ୟେକ ଲୋକ ଉପକୃତ ହୋଇପାରୁଛନ୍ତି । ସମସ୍ତଙ୍କ ପ୍ରଚେଷ୍ଟା ଫଳରେ ଆଜି ଢେଙ୍କାନାଳ ଜିଲ୍ଲା ସମଗ୍ର ରାଜ୍ୟରେ ପକ୍କାଘର ନିର୍ମାଣ ଯୋଜନାରେ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି । ସୁଦୃଢ଼ ବ୍ୟବସ୍ଥା, ସଫଳ ନେତାର ପ୍ରଚେଷ୍ଟା ଓ ଦୃଢ଼ ମନୋବଳ ଦ୍ୱାରା ଆମେ ସମସ୍ତେ ଜୀବନରେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବା ବୋଲି ସେ ମତବ୍ୟକ୍ତ କରିଥିଲେ । ପକ୍କାଘର ଯୋଜନାର ସଫଳତାକୁ ଭିତ୍ତି କରି ଆସନ୍ତା ଏପ୍ରିଲ ମାସରେ ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜି.ଆର୍.ଏସ୍. ମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ

"୨" ପୃଷ୍ଠା →

ସମସ୍ତ ସରକାରୀ କର୍ମଚାରୀ, ପଦସ୍ଥ ଲୋକ ପ୍ରତିନିଧିମାନେ, କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କ ଭଲ ବ୍ୟବହାର କରିବାର, ହଇରାଣ ହରକତ ନ କରି, ଲାଞ୍ଚ ନ ନେଇ, ସାମଗ୍ରିକ ଦୃଷ୍ଟିରୁ ଉଚ୍ଚ ସେବାମାନଙ୍କର କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱାରୋପ କରିଥିଲେ ।

ଉତ୍ସବରେ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଶ୍ରୀ ଗୋବର୍ଦ୍ଧନ ସାହୁ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ଅସୀମ ସାହସିକତାର ନିଦର୍ଶନ ଥିଲେ, ସେ କେବେ କାହାର ଭୟ ନ ଥିଲେ, ସେ ସବୁ ଦିନେ ଦୂରଦୃଷ୍ଟିବାନ ପୁରୁଷ ଥିଲେ । ଶାସନ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ନିମନ୍ତେ ତାଙ୍କର ପଞ୍ଚାୟତିରାଜ ବ୍ୟବସ୍ଥାର ପରିକଳ୍ପନା ଦ୍ୱାରା ଓଡ଼ିଶାର ବିକାଶ ସାଧିତ ହେଉଛି ବୋଲି ପ୍ରକାଶ କରିଥିଲେ । ବିଜୁବାବୁ ପ୍ରଥମେ ସ୍ତରରେ ବିକାଶର ଚିନ୍ତାଧାରାରେ ଉଦ୍‌ବୁଦ୍ଧ ଥିଲେ, ତାଙ୍କର ଦୂରଦୃଷ୍ଟି, ଚିନ୍ତାଧାରା ଯୋଗୁଁ ଆଜି ପଞ୍ଚାୟତଗୁଡ଼ିକୁ ବହୁ ପ୍ରାଧାନ୍ୟ ଓ କ୍ଷମତା ଦିଆଯାଇଛି ଏବଂ ଏହା ଦ୍ୱାରା ଆମ ଗ୍ରାମାଞ୍ଚଳ ସ୍ୱାବଲମ୍ବୀ ହେଉଛି ବୋଲି ସେ ପ୍ରକାଶ କରିଥିଲେ ।

ଆଜି ରାଜ୍ୟରେ ପକ୍କାଘର ଯୋଗାଣ କାର୍ଯ୍ୟ ପ୍ରଚାରର ଶୁଭାରମ୍ଭ ହୋଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୨୦ ଲକ୍ଷ ଯୋଗ୍ୟ ପରିବାରଙ୍କୁ ପକ୍କାଘର ଯୋଗାଇ ଦେବା ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି । ଢେଙ୍କାନାଳ ଜିଲ୍ଲାରେ ପକ୍କାଘର ଯୋଜନାର ପ୍ରଚଳନ ଯୋଗୁଁ ଅଧିକ ୨ ଲକ୍ଷର ପକ୍କାଘର ନିର୍ମାଣ ନିମନ୍ତେ ସର୍ଭେ ହୋଇଛି । ଜିଲ୍ଲାରେ ୫୦ (ପଚାଶ) ହଜାର ପକ୍କାଘର ଯୋଗାଣ କାର୍ଯ୍ୟ ଦିଆଯିବ ବୋଲି ଜଣାଯାଇଛି । ଏହି ମାର୍ଚ୍ଚ ମାସ ଶେଷ ସୁଦ୍ଧା ଗ୍ରାମୀଣ ଆବାସ ଯୋଜନାରେ ଅସମ୍ପୂର୍ଣ୍ଣ ଥିବା ଗୃହଗୁଡ଼ିକୁ ସମ୍ପୂର୍ଣ୍ଣ କଲେ ପୂର୍ଣ୍ଣ ଅନୁଦାନ ମିଳିପାରିବ, ନଚେତ୍ ସେଥିନିମନ୍ତେ ଆଉ ଅନୁଦାନ ମିଳିବ ନାହିଁ ବୋଲି ଜଣାଯାଇଛି ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ଦୃଢ଼ କରାଯାଇ କ୍ଷମତା ଅର୍ପଣ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଯୋଜନା ପ୍ରସ୍ତୁତ କରି ସମୟରେ ସଠିକ ଭଲ କାମ କରିବାକୁ ସେ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ଗଣମାଧ୍ୟମର ପ୍ରତିନିଧିମାନେ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଞ୍ଚ ଦେଶ ଗଠନରେ ବିଜୁବାବୁଙ୍କ ଅବଦାନ ଓ ତାଙ୍କର ଆଦର୍ଶ ଉପରେ ଆଲୋକପାତ କରିଥିଲେ ।

୩- ପୃଷ୍ଠା →

ଏହି ଉତ୍ସବରେ ଗ୍ରାମୀଣ ଆବାସ ଯୋଜନା, ଜାତୀୟ ଗ୍ରାମୀଣ ନିଯୁକ୍ତି କର୍ମ ନିଶ୍ଚିତ ଯୋଜନା ଏବଂ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟକ୍ରମରେ ବିଶେଷ ସଫଳତା ହାସଲ କରିଥିବାରୁ ବିଭିନ୍ନ ବ୍ଲକର ସରପଞ୍ଚ, ନିର୍ବାହୀ ଅଧିକାରୀ ଏବଂ ଡି.ଆର.ଡି.ଏ. ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏବଂ ନ୍ୟୁଟ୍ରି ଗାର୍ଡେନ ପାଇଁ କୃଷିବିତ୍ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

ଏହି ଉତ୍ସବରେ ଜିଲ୍ଲା ପରିଷଦର ସମସ୍ତ ସଭ୍ୟ/ସଭ୍ୟା, ସରପଞ୍ଚ, ବିଭାଗୀୟ କର୍ମକର୍ତ୍ତା ଏବଂ ଗଣ ମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

ସୂଚନା ଯୋଗ୍ୟ ଯେ, "ସମନ୍ୱିତ ଶିଶୁ ବିକାଶ ଯୋଜନା" ଏବଂ "ମମତା" ଯୋଜନାକୁ ସଫଳତାର ସହ ପ୍ରଣୟନ କରିପାରିଥିବାରୁ ଢେଙ୍କାନାଳ ଜିଲ୍ଲାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ରୂପେ ଆସନ୍ତା ମାର୍ଚ୍ଚ ୮ ତାରିଖ ଦିନ "ଆନ୍ତର୍ଜାତୀୟ ମହିଳା ଦିବସ" ପାଳନ ଅବସରରେ ଭୁବନେଶ୍ୱର ଲୋକସେବା ଭବନ ଠାରେ ପୁରସ୍କୃତ କରାଯିବ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଜଣାଯାଇଛି।

---

ଏହାକୁ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଙ୍କ ଅବଗତି ଓ ପ୍ରକାଶନ ନିମନ୍ତେ ପଠାଗଲା।

୦୬/୦୩/୨୦୨୦

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ